# NATIONAL NEWS BULLETIN (ODIA)

## 17 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଆଜି ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରିବ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ।
- ମୁମ୍ବାଇରେ ଆଜି ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ରଣନୈତିକ ସହଭାଗିତାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ।
- ମନ୍ଥନ ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀଙ୍କ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ବାଂଲାଦେଶରେ ଆଜି ଶପଥଗ୍ରହଣ କରିବେ ନୂଆ ସରକାର ।

– ଯୋଗଦେବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ।

ଏବଂ

- ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଗତକାଲି ଅନୁଷ୍ଠିତ ତିନୋଟି ମ୍ୟାଚ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ ଏବଂ ଆଫ୍‌ଗାନିସ୍ତାନ ବିଜୟୀ ।

# ଇଣ୍ଡିଆ-ଏଆଇ ଇମ୍ପାକ୍ଟ ଡେ ଟୁ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହୋଇଥିବା ପାଞ୍ଚ ଦିନିଆ ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଉଚ୍ଚସ୍ତରୀୟ ଦଳଗତ ଆଲୋଚନା ଜାରି ରହିବ । ଏଥିରେ ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା, କୃଷି, ସଶକ୍ତିକରଣ ଭଳି ପ୍ରମୁଖ ବିଷୟ ଉପରେ ସନ୍ଦର୍ଭ ଉପସ୍ଥାପନ ସହ ଆଲୋଚନା ହେବ ।

# ପ୍ରଧାନ-ଏଆଇ ସମିଟ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରିବ। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ଅଧିବେଶନରେ ଯୋଗଦେବେ । ଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନକାରୀ ସମ୍ଭାବନାକୁ ଉପଯୋଗ କରିବା ପାଇଁ ମନ୍ତ୍ରଣାଳୟର ନିରନ୍ତର ଉଦ୍ୟମ ସମ୍ପର୍କରେ ଏହି ଅଧିବେଶନରେ ବିଶ୍ୱକୁ ଅବଗତ କରାଯିବ ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଅଧିବେଶନରେ ଜାତୀୟ ଶିକ୍ଷା ନୀତିର ଦୃଷ୍ଟିକୋଣ ଏବଂ ବିକଶିତ ଭାରତ ୨୦୪୭ର ଜାତୀୟ ଲକ୍ଷ୍ୟ ସମ୍ପର୍କରେ ଉପସ୍ଥାପନ କରାଯିବ ।

ଏହି ସମ୍ମିଳନୀ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି, ଉତ୍କର୍ଷ କେନ୍ଦ୍ର, ଶିକ୍ଷକ ତାଲିମ, ପାଠ୍ୟକ୍ରମ ସମନ୍ୱୟ ଏବଂ ଶିଳ୍ପ ଓ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ଭାରତର ବିକାଶଧାରାକୁ ନୂଆ ଗତି ପ୍ରଦାନ କରିବ ।

## ନଡ୍ଡା-ଏଆଇ ସମିଟ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ ଭାରତ ଏଆଇ ସମ୍ମିଳନୀରେ ଦୁଇଟି ଜାତୀୟ ପଦକ୍ଷେପ ଆରମ୍ଭ କରିବେ। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଭାରତର ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତାର ରଣନୀତି – ସାହି ଏବଂ ସ୍ୱାସ୍ଥ୍ୟ ଏଆଇ ପାଇଁ ମୁକ୍ତ ତଥ୍ୟ ମଞ୍ଚ – ବୋଧ ଅନ୍ତର୍ଭୁକ୍ତ। ସାହି ହେଉଛି ଏକ ଜାତୀୟ ମାର୍ଗଦର୍ଶିକା ଢାଞ୍ଚା ଯାହା ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତାର ନିରାପଦ, ନୈତିକ, ପ୍ରମାଣ-ଆଧାରିତ ଏବଂ ଅନ୍ତର୍ଭୁକ୍ତିପୂର୍ଣ୍ଣ ଗ୍ରହଣକୁ ସକ୍ଷମ କରିଥାଏ। ବୋଧ ହେଉଛି ଏକ ଗୋପନୀୟତା-ସଂରକ୍ଷଣ ମଞ୍ଚ, ଯେଉଁଥିରେ ବାସ୍ତବ-ବିଶ୍ୱ ସ୍ୱାସ୍ଥ୍ୟ ତଥ୍ୟ

ବ୍ୟବହାର କରି ଏଆଇ ମଡେଲଗୁଡ଼ିକର କଠୋର ମୂଲ୍ୟାଙ୍କନକୁ ସକ୍ଷମ କରିଥାଏ। ସାହି ଏବଂ ବୋଧ ଏକ ଦୃଢ଼, ଦାୟିତ୍ୱପୂର୍ଣ୍ଣ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସ୍ୱାସ୍ଥ୍ୟ ଏଆଇ ଇକୋସିଷ୍ଟମ ନିର୍ମାଣ ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

## ପିଏମ୍-ଫ୍ରାନ୍ସ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଭେଟିବେ। ସାକ୍ଷାତ ସମୟରେ, ଦୁଇ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିବା ସହ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗ ଉପରେ ମତ ବିନିମୟ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମନ୍ତ୍ରଣ କ୍ରମେ ଶ୍ରୀ ମାକ୍ରନ ଆଜିଠାରୁ ଭାରତକୁ ତିନି ଦିନିଆ ସରକାରୀ ଗସ୍ତରେ ଆସୁଛନ୍ତି ଓ ସେ ଏଆଇ ପ୍ରଭାବ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ରାଷ୍ଟ୍ରପତି ମାକ୍ରନଙ୍କର ଏହା ଚତୁର୍ଥ ଭାରତ ଗସ୍ତ ଏବଂ ମୁମ୍ବାଇକୁ ପ୍ରଥମ ଗସ୍ତ ହେବ। ଉଭୟ ନେତା ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଆଜି ସନ୍ଧ୍ୟାରେ ଶ୍ରୀ ମୋଦୀ ଓ ମାକ୍ରନ୍ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦଘାଟନ କରିବା ସହ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଇଣ୍ଡିଆ-ଫ୍ରାନ୍ସ ଡିଫେନ୍ସ ଡାଇଲଗ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଫ୍ରାନ୍ସ ପ୍ରତିପକ୍ଷ କ୍ୟାଥରିନ ଭାଉଟ୍ରିନ ଆଜି ବେଙ୍ଗାଲୁରୁରେ ଷଷ୍ଠ ଭାରତ-ଫ୍ରାନ୍ସ ବାର୍ଷିକ ପ୍ରତିରକ୍ଷା ଆଲୋଚନାରେ ମିଳିତ ଭାବରେ ଅଧ୍ୟକ୍ଷତା କରିବେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମାକୁ ଆହୁରି ଦଶ ବର୍ଷ ପାଇଁ ନବୀକରଣ କରିବା ଏବଂ ହାମର କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ଏକ ମିଳିତ ଉଦ୍ୟମ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର କରିବା ନେଇ ଆଲୋଚନା ହେବ ।

## ଶାହା-ମନ୍ଥନ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କର ଏକ ଉଚ୍ଚସ୍ତରୀୟ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ। ଏହି 'ମନ୍ଥନ' ବୈଠକ ପ୍ରଧାନମନ୍ତ୍ରୀ ମୋଦିଙ୍କର ସହକାର ସେ ସମୃଦ୍ଧିର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ସମବାୟ

କ୍ଷେତ୍ରକୁ ଅଧିକ ସ୍ୱଚ୍ଛ, ଆଧୁନିକ ଏବଂ ସଦସ୍ୟ-କୈନ୍ଦ୍ରିକ କରିବା ପାଇଁ ସଂସ୍କାର ଉପରେ ଧ୍ୟାନ କେନ୍ଦ୍ରିତ କରିବ।

କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ଦୁଇ ଲକ୍ଷ ନୂତନ ବହୁମୁଖୀ 'ପାକ୍ସ' ପ୍ରତିଷ୍ଠା ଏବଂ ଉତ୍ତମ ଶସ୍ୟ ସଂରକ୍ଷଣ ପାଇଁ ଆଧୁନିକ ଗୋଦାମଗୁଡ଼ିକର ଦେଶବ୍ୟାପୀ ପ୍ରସାରଣର ଆଜି ସମୀକ୍ଷା କରିବେ। 'ପାକ୍ସ'ର ନିର୍ଦ୍ଧାରିତ ସମୟ ମଧ୍ୟରେ କମ୍ପ୍ୟୁଟରୀକରଣ ସହିତ, ରପ୍ତାନି ଏବଂ ବିହନ ପାଇଁ ନୂତନ ଗଠିତ ଜାତୀୟ ସଂସ୍ଥାରେ ରାଜ୍ୟଗୁଡ଼ିକୁ ଏକୀକୃତ କରିବା ଉପରେ ମଧ୍ୟ ଆଲୋଚନା ହେବ। ଏହି ସମ୍ମିଳନୀରେ ସମବାୟ ବ୍ୟାଙ୍କଗୁଡ଼ିକର ଡିଜିଟାଇଜେସନ୍, ରାଜ୍ୟ ସମବାୟ ଆଇନରେ ଆଇନଗତ ସଂସ୍କାର ଏବଂ ଅମୂଲ ଓ ଏନ୍.ଡି.ଡି.ବି. ସହଯୋଗରେ ଦୁଗ୍ଧ ନେଟୱାର୍କର ପ୍ରସାରଣ ଉପରେ ମଧ୍ୟ ଆଲୋଚନା ହେବ।

## ବାଂଲାଦେଶ-ସ୍ୱେରିଂ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ଢାକାରେ ବାଂଲାଦେଶର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନଙ୍କ ଶପଥ

ଗ୍ରହଣ ଉତ୍ସବରେ ଯୋଗଦେବେ। ବୈଦେଶିକ ସଚିବ ବିକ୍ରମ ମିଶ୍ର ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ନେତୃତ୍ୱାଧୀନ ମେଣ୍ଟ ସମ୍ପ୍ରତି ସଂସଦୀୟ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଶ୍ରୀ ବିର୍ଲାଙ୍କ ଅଂଶଗ୍ରହଣ ଦୁଇ ରାଷ୍ଟ୍ରର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ମନ୍ତ୍ରଣାଳୟ ମଧ୍ୟ ଶ୍ରୀ ରହମାନଙ୍କ ନେତୃତ୍ୱରେ ବାଂଲାଦେଶର ନିର୍ବାଚିତ ସରକାରକୁ ସ୍ୱାଗତ କରିଛି ।

ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ଭାରତ, ଚୀନ୍, ସାଉଦି ଆରବ, ୟୁଏଇ, ମାଲେସିଆ ଏବଂ ଶ୍ରୀଲଙ୍କା ସମେତ ୧୩ଟି ଦେଶର ସରକାରୀ ମୁଖ୍ୟଙ୍କୁ ବାଂଲାଦେଶ ନିମନ୍ତ୍ରଣ କରିଛି ।

## ୟୁନୁସ୍ ଫାରୱେଲ୍

ବାଂଲାଦେଶର ବିଦାୟୀ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ କହିଛନ୍ତି, ତାଙ୍କ ୧୮ ମାସର ଶାସନ ବାଂଲାଦେଶର ବାହ୍ୟ ସମ୍ପର୍କର

ତିନୋଟି ମୁଖ୍ୟ ସ୍ତମ୍ଭ - 'ସାର୍ବଭୌମତ୍ୱ, ଜାତୀୟ ସ୍ୱାର୍ଥ ଏବଂ ମର୍ଯ୍ୟାଦା'କୁ ପୁନର୍ବାର ସ୍ଥାପନ କରିଛି । ଜାତି ଉଦ୍ଦେଶ୍ୟରେ ତାଙ୍କ ବିଦାୟୀ ଭାଷଣରେ, ୟୁନୁସ୍ କହିଛନ୍ତି, ବାଂଲାଦେଶ ଆଉ ଏକ ବଶବର୍ତ୍ତୀ ବୈଦେଶିକ ନୀତି କିମ୍ବା ଅନ୍ୟ ଦେଶର ନିର୍ଦ୍ଦେଶ ଏବଂ ପରାମର୍ଶ ଉପରେ ନିର୍ଭରଶୀଳ ନୁହେଁ। ୟୁନୁସ୍ଙ୍କ ଅନ୍ତରୀଣ ଶାସନ ଅଗଷ୍ଟ ୨୦୨୪ ରେ ଆରମ୍ଭ ହୋଇଥିଲା ଏବଂ ଆଜି ସେଠାରେ ନୂଆ ସରକାର ଗଠନ ସହ ଶେଷ ହେବାକୁ ଯାଉଛି ।

## ପିଏମ୍-କୋବିନ୍ଦ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂତନ ଭାବରେ ଉଦ୍‌ଘାଟିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜୀଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା । ଅନ୍ୟପକ୍ଷରେ ପୂର୍ବତନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ କହିଛନ୍ତି, ନୂତନ ଭାବରେ ଉଦ୍‌ଘାଟିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସେ ଅତ୍ୟନ୍ତ ଖୁସି। ଏହି ଭବନ ପ୍ରକୃତରେ 'ନାଗରିକ ଦେବୋ ଭବ' -

ସେବା, କରୁଣା, କର୍ତ୍ତବ୍ୟ ଏବଂ ରାଷ୍ଟ୍ର ପ୍ରଥମେ ନୀତିକୁ ପ୍ରତିଫଳିତ କରୁଛି ।

## ସିବିଏସ୍ଇ-କ୍ଲାସ୍ ୧୦ ନ୍ୟୁଜ୍ ରୁଲ୍ସ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ – ସି.ବି.ଏସ୍.ଇ. ଚଳିତ ବର୍ଷରୁ ଆରମ୍ଭ ହେଉଥିବା ନୂତନ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଯୋଗ୍ୟତା ନିୟମ ଉପରେ ସ୍ପଷ୍ଟୀକରଣ ଜାରି କରିଛି ।

ସି.ବି.ଏସ୍.ସି. ସ୍ପଷ୍ଟ କରିଛି, ପ୍ରଥମ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଯୋଗଦେବା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ଏବଂ ପ୍ରଥମ ପରୀକ୍ଷାରେ ତିନି କିମ୍ବା ତତୋଧିକ ବିଷୟରେ ପରୀକ୍ଷା ନ ଦେଲେ, ସେମାନଙ୍କୁ ଦ୍ୱିତୀୟ ପରୀକ୍ଷା ଯୋଗ୍ୟ ଘୋଷଣା କରାଯିବ ନାହିଁ ।

ସେଭଳି ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ବର୍ଷ ମୁଖ୍ୟ ପରୀକ୍ଷାରେ ସେହି ବିଷୟ ଗୁଡ଼ିକରେ ପରୀକ୍ଷା ଦେଇପାରିବେ । ସି.ବି.ଏସ୍.ସି. କହିଛି, ଦ୍ୱିତୀୟ ପରୀକ୍ଷା କେବଳ କିଛି ବର୍ଗର ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ।

ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ସେମାନଙ୍କର ମାର୍କ ଉନ୍ନତ କରିବାକୁ ଚାହାଁନ୍ତି ସେମାନେ ପୁନର୍ବାର ପରୀକ୍ଷା ଦେଇପାରିବେ । ସେମାନଙ୍କୁ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଏବଂ

ଭାଷା ସମେତ ତିନୋଟି ମୁଖ୍ୟ ବିଷୟରେ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ।

## ଏକ୍ସପୋର୍ଟ୍-ଇମ୍ପୋର୍ଟ୍ ଡାଟା

ଭାରତର ସାମଗ୍ରିକ ରପ୍ତାନି, ସାମଗ୍ରୀ ଏବଂ ସେବା ମିଳିତ ଭାବରେ ଚଳିତ ବର୍ଷ ଜାନୁଆରୀରେ ୧୩.୧୭ ପ୍ରତିଶତ ବୃଦ୍ଧି ପାଇ ୮୦ ଦଶମିକ୍ ୪/୫ ବିଲିୟନ ଡଲାର ହୋଇଛି । ଗତ ବର୍ଷ ଜାନୁଆରୀରେ ଏହା ୭୧ ଦଶମିକ୍ ୦/୯ ବିଲିୟନ ଡଲାର ଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଚଳିତ ମାସରେ ସାମଗ୍ରିକ ଆମଦାନି ୧୮ ଦଶମିକ୍ ୭/୬ ପ୍ରତିଶତ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ଗତବର୍ଷ ଜାନୁଆରୀରେ ୭୬ ଦଶମିକ୍ ୪/୮ ବିଲିୟନ ଡଲାର ଥିଲା ଏହା ତାହା ବୃଦ୍ଧି ପାଇ ୯୦ ଦଶମିକ୍ ୮/୩ ବିଲିୟନ ଡଲାର ହୋଇଛି। ଦେଶର ସାମଗ୍ରିକ ବାଣିଜ୍ୟ ନିଅଣ୍ଟ, ସାମଗ୍ରୀ ଏବଂ ସେବା ମିଳିତ ଭାବରେ ଚଳିତ ବର୍ଷ ଜାନୁଆରୀରେ ୧୦ ଦଶମିକ୍ ୩/୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷର ଜାନୁଆରୀରେ ୫ ଦଶମିକ୍ ୩/୯ ବିଲିୟନ ଡଲାର ଥିଲା ।

ଜାନୁଆରୀ ମାସରେ, ସାମଗ୍ରୀ ଏବଂ ସେବା ରପ୍ତାନି ଏବଂ ଆମଦାନି ବୃଦ୍ଧି ପାଇଛି। ବାଣିଜ୍ୟ ରପ୍ତାନି ୩୬ ଦଶମିକ୍ ୩/୪ ବିଲିୟନ ଡଲାରରୁ ୩୬ ଦଶମିକ୍ ୫/୬ ବିଲିୟନ ଡଲାରକୁ ବୃଦ୍ଧି ପାଇଥିବା ବେଳେ ସେବା ରପ୍ତାନି ୩୪ ଦଶମିକ୍ ୭/୫ ବିଲିୟନ ଡଲାରରୁ ବୃଦ୍ଧି ପାଇ ୪୩ ଦଶମିକ୍ ୯/୦ ବିଲିୟନ ଡଲାର ହୋଇଛି।

## ଇମ୍ରାନ୍ ଖାନ୍-ଆଇସାଇଟ୍ ରିପୋର୍ଟ୍

ଜେଲରେ ଥିବା ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଏକ ଡାକ୍ତରୀ ଦଳ ତାଙ୍କ ଦୃଷ୍ଟିଶକ୍ତିରେ ଉନ୍ନତି ହୋଇଥିବା ସେ କହିଛନ୍ତି । ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଆଖିର ବିସ୍ତୃତ ଡାକ୍ତରୀ ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦୁଇଜଣ ଡାକ୍ତର ଏହି ପରୀକ୍ଷା କରିଥିଲେ। ଶ୍ରୀ ଖାନଙ୍କ ଡାହାଣ ଆଖିରେ ମାତ୍ର ୧୫ ପ୍ରତିଶତ ଦୃଷ୍ଟିଶକ୍ତି ଥିବା ଅଭିଯୋଗ ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପଦକ୍ଷେପ ନେଇଥିଲେ। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଇମ୍ରାନ ଖାନଙ୍କୁ ୨୦୨୩ ଅଗଷ୍ଟ ୫ରୁ ତାଙ୍କ ଲାହୋର ବାସଭବନରୁ

ଗିରଫ କରାଯିବା ପରେ ସେ ଜେଲରେ ଅଛନ୍ତି। ବର୍ତ୍ତମାନ ସେ ରାଓ୍ୱଲପିଣ୍ଡିର ଉଚ୍ଚ ସୁରକ୍ଷା ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି।

## ଓସ୍କାର ଆକ୍ଟର

ସୁ-ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ଓସ୍କାର ବିଜେତା ରବର୍ଟ ଡୁଭାଲଙ୍କର ୯୫ ବର୍ଷ ବୟସରେ ପରଲୋକ ଘଟିଛି । 'ଗଡଫାଦର' ଏବଂ 'ଟେଣ୍ଡର ମର୍ସିଜ୍' ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ପାଇଁ ସେ ଲୋକପ୍ରିୟତା ହାସଲ କରିଥିଲେ ।

୧୯୬୨ ମସିହାରେ 'ଟୁ କିଲ୍ ଏ ମକିଂବର୍ଡ୍'ରେ ଅଭିନୟ ସହ ସେ ତାଙ୍କର ପ୍ରଥମ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିଥିଲେ ।

## କ୍ରିକେଟ୍ ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍

କାଣ୍ଡିର ପାଲେକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଶ୍ରୀଲଙ୍କା' ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରି ଟି-୨୦ ବିଶ୍ୱକପ ସୁପର ଏଇଟ୍‌ରେ ସ୍ଥାନ ହାସଲ କରିଛି।  ଶ୍ରୀଲଙ୍କା ୧୮ ଓଭରରେ ୨

ୱିକେଟ୍ ହରାଇ ୧୮୪ ରନ୍ କରି ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୮୧ରନ୍ ସ୍କୋର କରିଥିଲା ।

ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ୨୪ ରନରେ ଇଟାଲୀକୁ ପରାସ୍ତ କରିଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନ ୫ ୱିକେଟ୍‌ରେ ୟୁଏଇକୁ ପରାସ୍ତ କରିଥିଲା ।

ଆଜି ପାଇଁ ତିନୋଟି ମ୍ୟାଚ୍ ରହିଛି। ଗ୍ରୁପ୍-ଡି ମ୍ୟାଚରେ ନ୍ୟୁଜିଲାଣ୍ଡ ସକାଳ ୧୧ଟାରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ କାନାଡା ବିପକ୍ଷରେ ମୁକାବିଲା କରିବ। ଦ୍ୱିତୀୟ ମ୍ୟାଚ୍‌ରେ, ପାଲେକେଲରେ ଗ୍ରୁପ୍-ବି ମ୍ୟାଚରେ ଆୟରଲ୍ୟାଣ୍ଡ-ଜିମ୍ବାୱେ ମଧ୍ୟରେ ମୁକାବିଲା ହେବ। ତୃତୀୟ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ସ୍କଟଲ୍ୟାଣ୍ଡ ଓ ନେପାଳ ମଧ୍ୟରେ ସନ୍ଧ୍ୟାରେ ୭ଟାରେ ଆରମ୍ଭ ହେବ ।